# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଅପବ୍ୟୟୀ ପୁତ୍ର



ଲେଖକ: Edward Hughes

ଦୃଷ୍ଟାନ୍ତ: Alastair Paterson; Lazarus

ଉପଯୋଜକ: Ruth Klassen; Sarah S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2020 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି, ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



ଯୀଶୁ ଲୋକମାନଙ୍କୁ ସଦାପ୍ରଭୁଙ୍କ କ୍ଷମା ବିଷୟରେ କହିବାକୁ
ଭଲପାଉଥିଲେ । କିନ୍ତୁ ଯିହୁଦୀ ଧର୍ମଗୁରୁମାନେ
ତାଙ୍କର ପାପିମାନଙ୍କ ସହିତ ବନ୍ଧୁତ୍ୱ ବିଷୟରେ
ଅନୁଯୋଗ କଲେ । ତେଣୁ ଯୀଶୁ
ସେମାନଙ୍କୁ ତିନୋଟି କାହାଣି ଦ୍ୱାରା
କହିବାକୁ ଚାହିଁଲେ, ସଦାପ୍ରଭୁ ଖୁସି
ଅଟନ୍ତି ଯେତେବେଳେ ପାପିମାନେ
ନିଜ ପାପରୁ ମନ
ଫେରାନ୍ତି ।



ପ୍ରଥମ କାହାଣି ଜଣେ ଲୋକଙ୍କ
ବିଷୟରେ ଥିଲା ଯାହାର
ଶହେ ମାଣ୍ଢା ଥିଲା । ସେମାନଙ୍କ ମଧ୍ୟରୁ ଗୋଟିଏ
ହଜିଗଲା । ସଂଙ୍ଗେ ସଂଙ୍ଗେ
ସେହି ମେଷପାଳକ ଅନେଶ୍ୱତ
ମାଣ୍ଢାକୁ ପ୍ରାନ୍ତରରେ
ଛାଡ଼ି ହଜିଲା
ମାଣ୍ଢାକୁ ଖୋଜିବାକୁ
ଗଲେ ।



ମେଷପାଳକ ତାହାକୁ ପାଇଲା
ପର୍ଯ୍ୟନ୍ତ ଖୋଜିଲେ । ପୁଣି ସେ
ତାହାକୁ ପାଇଲେ ନିଜ
କାନ୍ଧରେ ବସାଇ ଆନନ୍ଦରେ
ନିଜ ଗୃହକୁ ବାହୁଡ଼ିଗଲେ ।
ସେ ନିଜର ବନ୍ଧୁମାନଙ୍କୁ
କହିଲା, ମୋ ସଂଙ୍ଗେ
ଆନନ୍ଦକର, କାରଣ ମୁଁ
ମୋହର ହଜିଲା ମେଣ୍ଢା
ଫେରି ପାଇଲି ।

ଯୀଶୁ ସେମାନଙ୍କୁ ବର୍ଣ୍ଣନା କରି କହିଲେ,

ଯେତେବେଳେ ଜଣେ ପାପି ମନ

ଫେରାନ୍ତି ତେବେ ସ୍ୱର୍ଗରେ

ମହାଆନନ୍ଦ ହୁଏ । ମନ

ଫେରାଇବାର ଅର୍ଥ

ହେଉଛି ନିଜର ପାପ

ନିମନ୍ତେ ପଶ୍ଚାତାପ କରି

ପାପ କରିବାରୁ

କ୍ଷାନ୍ତ ହେବା ।





ଯୀଶୁଙ୍କ ପରବର୍ତ୍ତୀ କାହାଣିଟି
ଏକ ସ୍ତ୍ରୀ ଙ୍କ ବିଷୟେରେ ଯାହା
ପାଖରେ ଦଶଟି ରୌପ୍ୟମୁଦ୍ରା
ଥିଲା, ହୋଇପାରେ ଏହା
ତାହାର ସାରା ଜୀବନର ସଂଚିତ
ପୁଞ୍ଜି ଅଟେ । ଏକ ଭୟଙ୍କର
ସମସ୍ୟା ହେଲା । ସେ ଗୋଟିଏ
ମୁଦ୍ରା ହଜାଇଲା ।

ଝାଡ଼ୁକଲା, ଝାଡ଼ୁକଲା, ଝାଡ଼ୁକଲା ସେହି ସ୍ତ୍ରୀ
ନିଜ ଘରର ସମସ୍ତ କୋଣରେ ଝାଡ଼ୁକରି
ତାହା ଖୋଜିଲା ।



ପରିଶେଷରେ ସେ ହଜିଲା ମୁଦ୍ରା ଖୋଜି ପାଇଲା ।
ସେ ମହାଆନନ୍ଦ କଲା । ତୁମେ କହିପାର କି ସେ
କଅଣ କଲା? ହଁ, ସେ ନିଜର ବନ୍ଧୁମାନଙ୍କୁ
ସେହି ବିଷୟରେ
କହିଲା ।





ପୁନର୍ବାର ଯୀଶୁ
କହିଲେ, ଜଗତରେ
ଯଦି ଜଣେ ପାପି
ମନ ଫେରାନ୍ତି
ତେବେ ଦୂତମାନେ
ସୁଧା ସଦାପ୍ରଭୁଙ୍କ
ସନ୍ମୁଖରେ ଆନନ୍ଦ
କରନ୍ତି ।

ଯୀଶୁଙ୍କ ତୃତୀୟ କାହାଣି ସବୁଠାରୁ ଦୁଃଖଦପୂର୍ଣ୍ଣ ଥିଲା । ଏହି କାହାଣି ମଧ୍ୟରେ ଜଣେ ପୁତ୍ର ନିଜ ପିତାଙ୍କ ନିକଟରୁ ତାଙ୍କ ଗୃହ ପରିତ୍ୟଗ କରିବା ବିଷୟ ଏଠାରେ ବର୍ଣ୍ଣନା କରାଯାଏ ।



ଦୂର ଦେଶରେ ସେହି ଯୁବକ ନିଜର ସମସ୍ତ ଧନ ମୂର୍ଖତାରେ
ବ୍ୟୟ କଲେ । ବର୍ତ୍ତମାନ୍ ସେ କଅଣ କରିବେ, ସେହି ସମୟରେ
ସେହି ଦେଶରେ ମହାଦୁର୍ଭିକ୍ଷ ହେଲା ଓ ତାଙ୍କ ଅବସ୍ଥା ଶୋଚନୀୟ
ହୋଇଗଲା । ସେହି ଯୁବକ



ଭୋକରେ ମରିପାରନ୍ତି ।

ସେ ଭୋକରେ ନିଶ୍ୱେଷ ହୋଇଗଲେ, ସେହି ଯୁବକ ଘୁଷୁରିମାନଙ୍କୁ ଖୁଆଇବା ଚ଼ାକିରି ପାଇଲେ । ମାତ୍ର କେହି ତହାଙ୍କୁ ଖାଦ୍ୟ ଦେଲେ ନାହିଁ । ସେ ଖୁସିରେ ଘୁଷୁରିମାନଙ୍କର ଖାଦ୍ୟ ଖାଇଥାନ୍ତେ । ହୋଇପାରେ ସେ ଖାଇଲେ ମଧ୍ୟ, ପରିଶେଷରେ, ସେ ଚେ଼ତା ପାଇଲା ଓ ସେ ଭାବିଲା ନିଜ ପାତାଙ୍କ ଗୃହରେ, ଚ଼ାକରମାନେ ମଧ୍ୟ ଭଲରେ ଖାଆନ୍ତି ।





ମୁଁ ମୋର ପିତାଙ୍କ ଗୃହକୁ
ଫେରିଯିବି ଓ ପିତାଙ୍କୁ କହିବି,
ମୋହର ସମସ୍ତ ପାପ ନିମନ୍ତେ
ଦୁଃଖିତ ଅଟେ । ମୁଁ ତମ୍ଭର
ପୁତ୍ର ହେବାକୁ ଯୋଗ୍ୟ ନୁହେଁ ।
ବିଶ୍ୱାସ କରେ ସେ ମୋତେ
ନିଜର ଚାକର ଭାବରେ
ଗ୍ରହଣ କରିବେ ।

କିନ୍ତୁ ସେ ଦୂରରେ ଥାଉଁ ଥାଉଁ ତାହାର ପିତା ତାହାକୁ ଦେଖି ଦୟାରେ
ବିଗଳିତ ହେଲେ ଓ ଦୌଡ଼ିଯାଇ ତାଙ୍କର ଫେରନ୍ତା ପୁତ୍ରଙ୍କୁ
ଆଲିଙ୍ଗନ କରି ଅତି ସ୍ନେହରେ
ଚ଼ମ୍ବନ ଦେଲେ ।





ସେ ପିତାଙ୍କୁ କହିଲା ପିତା ମୁଁ ପାପ କଲି । ମୁଁ ତୁମ୍ଭର ପୁତ୍ର ହେବାର ମୋର ଯୋଗ୍ୟନାହିଁ । ସେହି ଯୁବକ ନିଜ ଘରେ ମୋତେ ଏକ ଚାକର ଭାବରେ ରଖ ବୋଲି ପିତାଙ୍କୁ କହିବାକୁ ଯାଉଥିଲେ । କିନ୍ତୁ ପିତା କହିବାକୁ ଦେଲେନାହିଁ । ସବୁଠାରୁ ଭଲଲୁଗା ଚଞ୍ଚଳ ଘେନିଆସି ଏହାକୁ ପିନ୍ଧାଅ, ଏହାର ପାଦରେ ପାଦୁକା ଓ ମୋହର ପୁତ୍ରଙ୍କ ହାତରେ ମୁଦି ପିନ୍ଧାଅ ଏବଂ ଏକ ମହା ଭୋଜର ଆୟୋଜନ କର ।

ସେଠାରେ ଏକ ଅଦ୍ଭୁତ ଧରଣର ଭୋଜ ଥିଲା କାରଣ ପୁତ୍ର ଯେ
ହଜିଯାଇଥିଲା ମିଳିଲା । ଯୀଶୁ ଏହି କାହାଣି କହିଥିଲେ
କାରଣ ଏହା ସଦାପ୍ରଭୁଙ୍କ ପ୍ରେମ
ଯାହାକି ପାପିମାନଙ୍କୁ ଗ୍ରହଣ
କରେ, ଯେଉଁମାନେ ନିଜ
ପାପରୁ ଫେରି ମନ
ଫେରାଇ ତାଙ୍କ
ନିକଟକୁ ଆସନ୍ତି ।



# ଅପବ୍ୟୟୀ ପୁତ୍ର

## ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

## ରୁ ଅନୁସନ୍ଧାନ କରାଯାଇଅଛି

ଲୁକ ୧୫

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬